## ସଂକ୍ଷେପରେ

### ଦୁର୍ବୃତ୍ତଙ୍କୁ କାବୁ କଲେ ସୁରକ୍ଷାକର୍ମୀ

**ଅନୁଗୋଳ ଅଫିସ, ୧୦।୬:** ଅନୁଗୋଳ ଜିଲା ବିକ୍ରମପୁର ଥାନା ଅଞ୍ଚଳରେ ଜଣେ ଦୁର୍ବୃତ୍ତଙ୍କୁ କାବୁ କରିଛନ୍ତି ୱାଟର କଲୋନି ସୁରକ୍ଷାକର୍ମୀ। ଦୁର୍ବୃତ୍ତ ଜଣକ ପାଚେରି ଡେଇଁ ଚୋରି କରୁଥିବା ସମୟରେ ସୁରକ୍ଷାକର୍ମୀମାନେ ତାଙ୍କୁ ମାଡ଼ି ବସି ପୋଲିସ ଜିମା ଦେଇଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୧୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ହେବି ୱାଟର କଲୋନିର ପାଚେରି ଡେଇଁ ଜଣେ ଦୁର୍ବୃତ୍ତ ଭିତରକୁ ପଶିଥିଲେ। ସେଠାରେ କେବୁଲ ଓ ଆଇରନ୍ ରଡ୍ ଚୋରି କରୁଥିବା ସମୟରେ ସୁରକ୍ଷା କର୍ମୀ ମାଡ଼ି ବସିଥିଲେ।

### ଠକ ନେଇଗଲେ ଲକ୍ଷେ ଟଙ୍କା

**ଅନୁଗୋଳ ଅଫିସ, ୧୦।୬:** ଅନୁଗୋଳ ନାଲ୍କୋ ଥାନା ଅଞ୍ଚଳର ଜଣେ ଶିକ୍ଷକ ଏସି କିଣିବା ପରେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା ସାଇବର ଠକ ଲୁଟି ନେଇଛନ୍ତି। ଏ ନେଇ ସେ ନାଲ୍କୋ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୯୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ନାଲ୍କୋ ଅଞ୍ଚଳର ଏକ ବିଦ୍ୟାଳୟରେ ବାଲେଶ୍ୱର ଜିଲାର ଜଣେ ଶିକ୍ଷକ ଚାକିରି କରୁଛନ୍ତି। ନାଲ୍କୋ ଅଞ୍ଚଳର ଏକ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ରହିଛି। ଗତ ୨୩ ତାରିଖରେ ସେ ଗାଁ ଠିକଣାରେ ଏକ ଏସି ଅନ୍‌ଲାଇନ୍‌ରେ ମଗାଇଥିଲେ। କିନ୍ତୁ ଏହା ପହଞ୍ଚିବାରେ ବିଳମ୍ବ ହେବାରୁ ସେ ଗତ ୨୬ ତାରିଖରେ ଗ୍ରାହକ ସେବା କେନ୍ଦ୍ର ଭାବି ଏକ ନମ୍ବରରେ ଫୋନ କରିଥିଲେ। ଏହାପରେ ସେଠାରୁ ଆସିଥିବା ଏକ ଓଟିପି ପ୍ରଦାନ କରିବା ପରେ ସାଇବର ଠକ ତାଙ୍କ ଆକାଉଣ୍ଟରୁ ୪ଟି ପର୍ଯ୍ୟାୟରେ ୯୯, ୮୦୧ ଟଙ୍କା ଲୁଟି ନେଇଥିଲେ।

### ନେଇଗଲେ ଫେରିବାଲାଙ୍କ ଲୁନା

**ଅନୁଗୋଳ ଅଫିସ, ୧୦।୬:** ଅନୁଗୋଳ ସହର ଗୀତାଗ୍ରାମରୁ ଶନିବାର ଏକ ଗାଡ଼ି ଚୋରି ହୋଇଛି। ଏ ନେଇ ଘର ମାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗୀତାଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶ୍ଚିମବଙ୍ଗର ଫେରିବାଲା ଭଡ଼ାରେ ରହୁଛନ୍ତି। ବ୍ୟବସାୟ ସାରି ଫେରିବାଲା ଜଣକ ଘର ସମ୍ମୁଖରେ ଗାଡ଼ି ରଖି ବିଶ୍ରାମ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କ ଲୁନା (ନଂ. ଡବ୍ଲ୍ୟୁବି୨୯ସି-୨୫୯୩)କୁ କେହି ଚୋରି କରି ନେଇଯାଇଛନ୍ତି। ଏ ନେଇ ଘର ମାଲିକ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ବନ୍ତ,୧୦।୬ (ଡି.ଏନ.ଏ.)-ବାହାନଗା ରେଳ ଦୁର୍ଘଟଣାରେ ମୃତକମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଭଦ୍ରକ ଜିଲା ବନ୍ତ ବ୍ଲକ ନିକଟସ୍ଥ ମୌଦା ଭଜନ ମଣ୍ଡଳୀ ପକ୍ଷରୁ ସତ୍ୟ ସାଇ ମନ୍ଦିରରେ ମହମବତି ଶୋଭାଯାତ୍ରା ଓ ସମୂହ ଦୀପଦାନ କରାଯାଇଛି। ଆୟୋଜିତ ସ୍ମୃତିସଭାରେ ସାଇସେବକ ଅରୁଣ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି କୀର୍ତ୍ତନ ବିହାରୀ ନାୟକ, ଦାଶରଥୀ ଜେନା, ଚତୁର୍ଭୁଜ ପହି, ସୁବୋଧ କୁମାର ସାହୁ, ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା ଓ ସାଇସେବକ ଦୁର୍ଯ୍ୟୋଧନ ଜେନା ଯୋଗଦେଇ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତ୍ୟସାଇ ଭଜନ ମଣ୍ଡଳୀ ଓ ଲଙ୍କେଶ୍ୱର ମହିଳା ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଅଶୋକ ଜିଲା କଂଗ୍ରେସ ସଭାପତି

ବାସୁଦେବପୁର,୧୦।୬(ଡି.ଏନ.ଏ.)- ବାସୁଦେବପୁର ନିର୍ବାଚନମଣ୍ଡଳୀର ଏଆଇସିସି ସଦସ୍ୟ ଅଶୋକ କୁମାର ଦାଶ ଭଦ୍ରକ ଜିଲା କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ମଧ ସେ ଜିଲା କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇ ସଙ୍ଗଠନକୁ ମଜଭୁତ କରିପାରିଥିଲେ। ଗତ କିଛି ମାସ ତଳେ ସେ ଏଆଇସିସି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ଭାବେ ସେ ୨ୟ ଥର ପାଇଁ ମନୋନୀତ ହୋଇଥିବାରୁ ଏଆଇସିସି ଅଧ୍ୟକ୍ଷ ମଲିକାର୍ଜୁନ ଖଡ଼୍‌ଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀଙ୍କ ସମେତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲାର ସଙ୍ଗଠନକୁ ଅଧିକ ମଜଭୁତ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ‘ରେଡିଓ ବସୁଧା’କୁ ସଫଳ କରିବାକୁ ଆହ୍ୱାନ

**କାମାକ୍ଷାନଗର, ୧୦।୬(ଡି.ଏନ୍.ଏ.)**


କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ନଗରପାଳଙ୍କ ସମେତ ଅନ୍ୟମାନେ।

ସକାରାତ୍ମକ ଚିନ୍ତାଧାରା ନେଇ କାମ କଲେ ‘ରେଡିଓ ବସୁଧା’ ସଫଳ ହେବ। ଏହାଦ୍ୱାରା ଜନସାଧାରଣଙ୍କ ବିକାଶ ହୋଇପାରିବ ବୋଲି କହିଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। କାମାକ୍ଷାନଗର ବ୍ଲକ ଜିରିଡ଼ାମାଳିରେ ଜିଲାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ‘ରେଡିଓ ବସୁଧା’ ଉଦଘାଟନୀ ସମାରୋହର ତୃତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି।

ନିଜ ବକ୍ତବ୍ୟରେ ମନ୍ତ୍ରୀ କହିଲେ, କାମାକ୍ଷାନଗର ଅଞ୍ଚଳରେ ଜିଲାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ପ୍ରତିଷ୍ଠା ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା, ଜନସଚେତନତା ସୃଷ୍ଟି କରିବା ଦିଗରେ ‘ରେଡିଓ ବସୁଧା’ କାମ କରୁ ବୋଲି ମନ୍ତ୍ରୀ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଏମ୍‌ପି ମହେଶ ସାହୁ କହିଲେ, ଗୋଷ୍ଠୀ ବେତାର କ୍ଷେତ୍ରରେ ‘ରେଡିଓ ବସୁଧା’ ଏକ ମାଇଲ ଖୁଣ୍ଟ। ଲୋକଙ୍କ ଜୀବନ ଜୀବିକାର କଥାକୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବେତାର କେନ୍ଦ୍ର ସହିତ ଯୋଡ଼ିପାରିଲେ ଗୋଷ୍ଠୀର ବିକାଶ ହୋଇପାରିବ ବୋଲି କହିଥିଲେ। ୟୁନିସେଫ୍‌ର ରାଜ୍ୟ ପରାମର୍ଶଦାତା ଚକ୍ରଧର ସାହୁ କହିଲେ, କାମାକ୍ଷାନଗର ଉପଖଣ୍ଡର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଶିକ୍ଷା, ସୂଚନା ଓ ସଚେତନତାରେ ରେଡିଓ ବସୁଧା ପ୍ରଭାବଶାଳୀ ଭୂମିକା ନେଇପାରିବ। ଲୋକଙ୍କ ବ୍ୟବହାର ପରିବର୍ତ୍ତନରେ ଏହା ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଓଡ଼ିଶା ଗୋଷ୍ଠୀ ବେତାର ସଂଘ ସଭାପତି ସୟଦ୍ ଅବଦୁଲ ସଫିକ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କାନପୁରା ସରପଞ୍ଚ ସତ୍ୟଜିତ୍ ରାଉତ ଯୋଗଦେଇ ଗୋଷ୍ଠୀ ବେତାର କେନ୍ଦ୍ରର ସଫଳତା କାମନା କରିଥିଲେ।

‘ରେଡିଓ ବସୁଧା’ର ଅଧ୍ୟକ୍ଷ ଶିଶିର ଶତପଥୀ ସ୍ୱାଗତ ଭାଷଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଇଡିଅଟ’ର ସଦସ୍ୟ ସଚିବ ସରୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର, ‘ଇଡିଅଟ’ର ଜଗଦୀଶ ଚନ୍ଦ୍ର ମିଶ୍ର, ସୁଶାନ୍ତ ପତି, ରଞ୍ଜିତା ମଞ୍ଜରୀ କର, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ହୋତା, ରେଡିଓ ବସୁଧାର ଜକି ଶୁଭଦର୍ଶିନୀ ପରିଡ଼ା, ଶୁଭଲକ୍ଷ୍ମୀ ସାହୁ, କାର୍ଯ୍ୟକ୍ରମ ସଂଯୋଜକ ଶିଶିର ପାଣି, ପ୍ରେମାନନ୍ଦ ଧଳ, ଚନ୍ଦନ ମିଶ୍ର, ବାଦଲ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତମାଲ ଗୋସ୍ୱାମୀଙ୍କ ଆବିର୍ଭାବ ଉତ୍ସବ

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ କଲେଜ ଛକ ଇସ୍କନ ମନ୍ଦିରଠାରେ ମହାନ୍ ବୈଷ୍ଣବ ତମାଲକୃଷ୍ଣ ଗୋସ୍ୱାମୀଙ୍କ ଶୁଭ ଆବିର୍ଭାବ ଉତ୍ସବ ପାଳିତ ହୋଇଯାଇଛି। ପ୍ରେମକିଶୋର ଦାସଙ୍କ ଅଧ୍ୟକ୍ଷତାରେ ସକାଳ ୮ଟାରୁ ଅପରାହ୍ନ ୧ଟା ଯାଏ ବୈଷ୍ଣବ ଭଜନ ପରିବେଷଣ କରାଯାଇଥିଲା। ମନୋଜ ପ୍ରଭୁ, ତରୁଣକୃଷ୍ଣ ପ୍ରଭୁ, ଜିଜ୍ଞାସୁ ପ୍ରଭୁ ଏଥିରେ ଅଂଶଗ୍ରହଣ କରିଥିଲେ। ପୁଷ୍ପାଞ୍ଜଳି, ଆଳତି, କୀର୍ତ୍ତନରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ପ୍ରସାଦ ସେବନରେ ବହୁ ଶ୍ରଦ୍ଧାଳୁ ଭାଗନେଇଥିଲେ।

ସୂଚନାଯୋଗ୍ୟ, ଇସ୍କନ ସଂସ୍ଥାପକ ତଥା ଗୌଡ଼ୀୟ ବୈଷ୍ଣବ ଗୁରୁ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ଅତିପ୍ରିୟ ଭକ୍ତ ହେଉଛନ୍ତି ତମାଲକୃଷ୍ଣ ଗୋସ୍ୱାମୀ। ନ୍ୟୁୟର୍କରେ ଜନ୍ମିତ ତମାଲକୃଷ୍ଣ ମୁଖ୍ୟ ସଚିବ ଭାବେ ରାଧା ଦାମୋଦର ପାର୍ଟିର ନେତୃତ୍ୱ ନେଇ ବିଭିନ୍ନ ସ୍ଥାନରେ ଇସ୍କନ୍ ମନ୍ଦିର ସ୍ଥାପନ କରି କୃଷ୍ଣନାମ ପ୍ରଚାର ପ୍ରସାର କରିଥିଲେ। ବୃନ୍ଦାବନ, ମୁମ୍ବାଇ ଓ ମାୟାପୁରୀରେ ଇସ୍କନ ପରିଯୋଜନାର ବିକାଶ କରିଥିଲେ। ତାଙ୍କ ଲିଖିତ ବହୁ ପୁସ୍ତକ ଲୋକପ୍ରିୟତା ଅର୍ଜନ କରିଛି।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

# ସାକ୍ଷରତା କୌଶଳ ବୃଦ୍ଧି ସମ୍ପର୍କରେ ଆଲୋଚନା

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୋଲିସ ଲାଇନ କ୍ଲଷ୍ଟରର ଏଫ୍‌ଏଲଏନ୍ ଜନଭାଗୀଦାରି କାର୍ଯ୍ୟକ୍ରମ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ହରପ୍ରିୟା ପୃଷ୍ଟି ମୁଖ୍ୟ ଅତିଥି, ସ୍ୱାଗତିକା ସ୍ୱାଇଁ, ସ୍ନେହଲତା ରାଜ, ବିବି ହାଇସ୍କୁଲର ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଂଖ୍ୟାଜ୍ଞାନ ଓ ମୌଳିକ ସାକ୍ଷରତା କୌଶଳ ବୃଦ୍ଧି, ଏଥିରେ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

ଏଥିରେ ଢେଙ୍କାନାଳ ପୋଲିସ ଲାଇନ୍ କ୍ଲଷ୍ଟର ଅନ୍ତର୍ଗତ ୯ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ, ଜନପ୍ରତିନିଧି, ଶିକ୍ଷାବିତ୍, ଏଫ୍‌ଏଲଏନ୍ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ଯୋଗଦେଇ ଶପଥପାଠ କରିଥିଲେ। ଏହି ଉପଲକ୍ଷେ ଶାରୀରିକ କ୍ରିୟାକଳାପ, ଗଳ୍ପକଥନ, ଗଣିତ, ଶବ୍ଦଖେଳ, ବିଭିନ୍ନ ଶିକ୍ଷଣଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ନାୟକ, ପଙ୍କଜିନୀ କର, ସବିତା ଦ୍ୱିବେଦୀ, ସିଆର୍‌ସିସି ଝସକେତନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଶିକ୍ଷକ।

# ୧୨ରେ ଓଡ଼ାପଡ଼ାରେ ଜନଅଭିଯୋଗ ଶୁଣାଣି

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ କାର୍ଯ୍ୟାଳୟଠାରେ ଆସନ୍ତା ୧୨ ତାରିଖ (ସୋମବାର) ପୂର୍ବାହ୍ନ ସାଢ଼େ ୮ଟାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ବ୍ଲକବାସୀଙ୍କ ସମସ୍ୟା ବୁଝିବେ। କୌଣସି ବ୍ୟକ୍ତି ସିଧାସଳଖ ଶିବିରକୁ ନ ଆସି ପ୍ରଥମେ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ସମସ୍ୟା ଜଣାଇବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ମନୋରମା ଥିଲେ ପ୍ରଗତିଶୀଳା ମହିଳା

**ଢେଙ୍କାନାଳ ଅଫିସ, ୧୦।୬**

ଶିକ୍ଷାବିତ୍ ଡ. ମନୋରମା ମହାପାତ୍ରଙ୍କ ୮୯ତମ ଜୟନ୍ତୀ ଶନିବାର ରଥଗଡାସ୍ଥିତ ଉତ୍ଫୁଲ୍ଲା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଉତ୍ଫୁଲ୍ଲାର ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମନୋରମା ଜଣେ ପ୍ରଗତିଶୀଳା ମହିଳା ଥିଲେ। ତାଙ୍କର ଅନେକ କବିତା ପୁସ୍ତକ ପାଠକୀୟ ଆଦୃତିଲାଭ କରିଛି ବୋଲି ମତପ୍ରକାଶ ପାଇଥିଲା। ପ୍ରଫେସର କ୍ଷୀରୋଦ ଚନ୍ଦ୍ର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ କବି ବାହାଦୁର ପାଟସାହାଣୀ, ସୌଭାଗ୍ୟ ବିଶ୍ୱାଳ, ସରୋଜ ଶତପଥୀ, ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ପ୍ରଫେସର ଦିଲୀପ ନନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସମନ୍ୱୟ ରହିଲେ ଯୋଜନା ସଫଳ ହେବ

**ଭୁବନ, ୧୦।୬(ଡି.ଏନ.ଏ.)**

ଭୁବନ ଏନ୍‌ଏସି ବଡ଼ହାଟ ହାଇସ୍କୁଲରେ ଶୁକ୍ରବାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏନଏସି କ୍ଲଷ୍ଟର ଅଧୀନ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ-ଅଭିଭାବକ-ପିଲାଙ୍କ ମଧ୍ୟରେ ସମନ୍ୱୟ ରହିଲେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।

ବଡ଼ହାଟ ହାଇସ୍କୁଲ ମୋ ସ୍କୁଲ ଅଭିଯାନ ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟ ଅତିଥି ଭାବେ ଶିକ୍ଷାଦାନକୁ ସଫଳ କରିବାକୁ ଅଭିଭାବକଙ୍କୁ ନିବେଦନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ମାୟାଧର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ନରୋତ୍ତମ ମିଶ୍ର, ସମ୍ମାନିତ ଅତିଥି ଯୁଧିଷ୍ଠିର ବେହେରା, ସିଆର୍‌ସିସି ଆନନ୍ଦ ଚନ୍ଦ୍ର ମେହେଣା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ବିଜ୍ଞାନ ଶିକ୍ଷକ ରାଜେଶ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

# ସଞ୍ଚୟ ଲାଭ ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୧୦।୬**

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଢେଙ୍କାନାଳ ସବଡିଭିଜନ ଡାକଘର ତରଫରୁ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଲଳିତା ସାହୁ, ସମ୍ମାନିତ ଅତିଥି ମୁଖ୍ୟ ଡାକପାଳ ଜଗଦୀଶ ଦାସ, ଡାକ ବିଭାଗ ଅଧିକାରୀ ସମୀର ସାହୁ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଅଭୀପ୍‌ସା ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ରାଜକିଶୋର ରାଉତ ପ୍ରମୁଖ ଯୋଗଦେଇଥିଲେ।

ମୁଖ୍ୟ ଡାକପାଳ ଦାସ ଆଲୋଚନାରେ ଭାଗନେଇ ସ୍ୱଳ୍ପ ସଞ୍ଚୟ ଯୋଜନାର ଲାଭ, ନୂତନ ମହିଳା ସମ୍ମାନ ସଞ୍ଚୟର ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ମହିଳା ସଞ୍ଚୟକାରୀ ଯୋଗଦେଇଥିଲେ। ଇନ୍ଦିପୁର ଡାକ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୭ ଦିନ ପରେ ସୁସ୍ଥ ହେଲେ ମୁକେଶ

**ବାଲେଶ୍ୱର ଅଫିସ,୧୦।୬**


ସହାୟତା କେନ୍ଦ୍ର ସମ୍ମୁଖରେ ମୁକେଶ ଓ ତାଙ୍କ ମା’।

ବାଲେଶ୍ୱର ଜିଲା ବାହାନଗା ନିକଟରେ ଗତ ୨ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣା ଘଟଣାକୁ ୮ ଦିନ ବିତିଗଲାଣି। ସହାୟତା ରାଶି ପାଇଁ ମୟୂରଭଞ୍ଜ ଜିଲା ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ମୁକେଶ ମା’ଙ୍କ ସହ ଶନିବାର ବାଲେଶ୍ୱର ଜିଲାପାଳଙ୍କ ଅଫିସ୍‌ରେ ପହଞ୍ଚିଛନ୍ତି। ସେମାନେ ଜରୁରୀକାଳୀନ ଅଫିସ୍ ଅଧୀନରେ ଖୋଲାଯାଇଥିବା ବାହାନଗା ଟ୍ରେନ ଦୁର୍ଘଟଣା ପୀଡ଼ିତଙ୍କ ନିମନ୍ତେ ସହାୟତା କେନ୍ଦ୍ରରେ ରେଳ ଟିକେଟ ସହ ଡାକ୍ତରଖାନା ରିପୋର୍ଟ ଓ ଦରଖାସ୍ତ ଲେଖି ଜିଲା ପ୍ରଶାସନ ନିକଟରେ ସହାୟତା ରାଶି ପାଇଁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଜିଆର୍‌ପି ପୋଲିସକୁ ଅବଗତ କରାଇଛନ୍ତି।

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ତାଡ଼ିକ୍ ଗ୍ରାମର ମୁକେଶ ବେହେରା (୨୧) ୧୦ଜଣ ସାଙ୍ଗଙ୍କ ସହ ଚେନ୍ନାଇକୁ କାମ କରିବା ପାଇଁ କରମଣ୍ଡଳ ଏକ୍ସପ୍ରେସ୍‌ରେ ଯାଉଥିଲେ। ଗତ ୨ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ରେଳ ଷ୍ଟେଶନରୁ ସମସ୍ତେ ଉଠିଥିଲେ। କିଛି ସମୟ ପରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ସେ ଆହତ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଲୋକମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଚେତା ଫେରିବା ପରେ ମୁକେଶ ତାଙ୍କ ସାଙ୍ଗମାନଙ୍କୁ ଖୋଜିଥିଲେ। ୨ଜଣ ସାଙ୍ଗକୁ ପାଇଥିବା ବେଳେ ଅନ୍ୟମାନଙ୍କୁ ପାଇ ନ ଥିଲେ। ସହଦେବଖୁଣ୍ଟା ଥାନା ଅଧୀନ ଫୁଲାଡ଼ି ଗ୍ରାମର ତାଙ୍କ ଭିଣୋଇଙ୍କ ସହ ଫୋନ୍‌ରେ ଯୋଗାଯୋଗ କରିଥିଲେ। ତାଙ୍କ ସହାୟତାରେ ଚିକିତ୍ସା ପାଇଁ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ଭିଡ଼ ଥିବାର ଦେଖି ବୈଶିଙ୍ଗା ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ୭ଦିନ ଚିକିତ୍ସା ହେବା ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତ ହେବାରୁ ତାଙ୍କ ମା’ ଶାନ୍ତି ବେହେରାଙ୍କ ସହିତ ଶନିବାର ସହାୟତା କେନ୍ଦ୍ରରେ ପହଞ୍ଚି ସମସ୍ତ ଘଟଣା ସମ୍ପର୍କରେ କହିବା ସହ କାଗଜପତ୍ର ଦେଖାଇଥିଲେ। ସହାୟତା କେନ୍ଦ୍ରର କର୍ତ୍ତବ୍ୟରତ କର୍ମଚାରୀଙ୍କ ପରାମର୍ଶ ଅନୁସାରେ ଲିଖିତ ଦେବା ସହ ରେଳ ବିଭାଗର ପୋଲିସ (ଜିଆର୍‌ପି) ନିକଟରେ ମଧ ଲିଖିତ ଜଣାଇଛନ୍ତି।

**ଟ୍ରେନ ଦୁର୍ଘଟଣାରେ ଗୁରୁତର ହୋଇଥିଲେ**

# କାଳବୈଶାଖୀରେ ଭାଙ୍ଗିଲା ଟେଣ୍ଟ

**ଭଦ୍ରକ ଅଫିସ,୧୦।୬**

ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ସାଙ୍ଗକୁ ବର୍ଷା ହୋଇଛି। ପବନରେ ଭଦ୍ରକ ସହରର ଟାଉନ ହଲ୍ ଛକ, ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ଆଦି ସ୍ଥାନରେ ଗଛ ଭାଙ୍ଗିପଡ଼ିଛି। ରବିବାର ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ପାଇଁ ପୂର୍ବରୁ କରାଯାଇଥିବା ସଭା ମଞ୍ଚ ଓ ଅସ୍ଥାୟୀ ଟେଣ୍ଟ ଭାଙ୍ଗି ଭୁଶୁଡ଼ି ପଡ଼ିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଗାନ୍ଧୀପଡ଼ିଆ ଓ ଭଦ୍ରକ କଲେଜ ପଡ଼ିଆରେ ହୋଇଥିବା ଅସ୍ଥାୟୀ ଟେଣ୍ଟ ଛିନ୍ନଛତର ହୋଇଯାଇଛି। ସହରରେ ବିଦ୍ୟୁତ୍ ସରବରାହ ମଧ ବନ୍ଦ ରହିଛି। ତେବେ ଭାଙ୍ଗି ପଡ଼ିଥିବା ଅସ୍ଥାୟୀ ଟେଣ୍ଟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଆରମ୍ଭ କରାଯାଇଛି।



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ETELCONBBST-345ETER

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ଏବଂ ସାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ଷ୍ଟେସନ ବିଲ୍ଡିଂ, ବୁକିଙ୍ଗ୍ କାଉଣ୍ଟର, ସଙ୍କେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ଲେଭେଲ କ୍ରସିଙ୍ଗ୍ ଫାଟକ, ସିନିୟର ସେକ୍ସନ ଇଂଜିନିୟର କାର୍ଯ୍ୟାଳୟ (02 ଗୋଟି), ସବ୍‌ଅର୍ଡିନେଟ୍ ରେଷ୍ଟ ହାଉସ୍ (SRH)(01 ଗୋଟି), ମେରାମଣ୍ଡଳୀ ସ୍ଥିତ ରନିଙ୍ଗ୍ ରୁମ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-II-54 ଗୋଟି, ଟାଇପ୍-III-17 ଗୋଟି ଏବଂ ଟାଇପ୍-IV-6 ଗୋଟି), 11/0.416 KV 2X100KVA ସବ୍‌ଷ୍ଟେସନ, ପାୱାର ଲାଇନ୍ କ୍ରସିଙ୍ଗ୍ (Xing) ରୂପାନ୍ତରଣଜନିତ ଜେନେରାଲ ବିଦ୍ୟୁତୀକରଣ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟସମୂହ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 5,11,18,260.82, EMD (ଟଙ୍କାରେ) : 4,05,600/-, ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.06.2023 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.06.2023 ରିଖ 1200 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଇ-ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର

PR-33/CG/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.15/ET/SBP/ENGG/ 2023-24, ତା.01.06.2023ରିଖ

(1)ଇ-ଟେଣ୍ଡର ସଂ.02-eT-DENW-SBP-23

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଲାଖୋଲି-ଲଖନା ସେକ୍ସନ ମଧ୍ୟରେ RV-91 ଠାରେ ପ୍ରବେଶ ପଥ ଏବଂ RV-62 ଠାରେ RCC ୱାଲ୍ ର ବ୍ୟବସ୍ଥା ସହିତ ଲେଭେଲ କ୍ରସିଙ୍ଗ୍ ନଂ.RV-20, RV-33, RV-41, RV-43, RV-48, RV-61 ଏବଂ RV-85 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB) / ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 30,04,80,653.93, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,52,500/-।

(2)ଇ-ଟେଣ୍ଡର ସଂ.03-eT-DENW-SBP-23

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବିଭିନ୍ନ ସେକ୍ସନଗୁଡ଼ିକ ସ୍ଥିତ ଲେଭେଲ କ୍ରସିଙ୍ଗ୍ ନଂ.RV-121, RV-127, RV-155, RV-157, RV-181, JT-73, JT-97, JT-115, JT-118, JT-125, ST-10 ଏବଂ ST-16 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB)/ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 30,01,33,181/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,50,700/-।

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.06.2023ରିଖ 1500 ଘଟିକାରେ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର

PR-251/O/23-24

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୧ ଜୁନ୍ ୨୦୨୩



## ସଂକ୍ଷେପରେ

### ଚାଷୀଙ୍କ ଆୟ ବୃଦ୍ଧି ଉପରେ ଆଲୋକପାତ

**ଅନୁଗୋଳ ଅଫିସ,୧୦।୬:** ଅନୁଗୋଳସ୍ଥିତ ଆମ୍ବା ସମ୍ମିଳନୀ କକ୍ଷଠାରେ ଏକ ଦିନିକିଆ କୃଷକ ତାଲିମ ଏବଂ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଜାତୀୟ ଉଦ୍ୟାନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଉପନିର୍ଦ୍ଦେଶକ ସୁରେଶ ସିଂହ ଅଧକ୍ଷତା କରିଥିଲେ। ଅନୁଗୋଳସ୍ଥିତ ଉପନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଭୋଇ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ, ଡିଡିଏମ୍ ନାବାର୍ଡ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନୁଗୋଳ, ତାଳଚେର, ପାଲଲହଡା ପ୍ରମୁଖ ଯୋଗଦାନ କରି ଏନ୍ଏଚ୍ବି ଯୋଜନାଗୁଡିକ ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଗୋଳ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ଅଧିକାରୀ, ୬୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ଚାଷୀ ଓ ଉଦ୍ୟାନ ବିଭାଗ କ୍ଷେତ୍ର କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଉଦ୍ୟାନ କୃଷି କ୍ଷେତ୍ରରେ ନୂତନ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ଚାଷୀମାନଙ୍କ କିପରି ଆୟ ବୃଦ୍ଧି ହୋଇପାରିବ ତାହା ଉପରେ ସିଂହ ଆଲୋକପାତ କରିଥିଲେ। ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ମନୋଭାବ ନେଇ ସନ୍ଦେହ

**ଜରୁରୀ ସ୍ଥିତିରେ ସହାୟକ ହେବ ପୋଲିସ। ୧୧୨କୁ ଡାଏଲ କଲେ ତୁରନ୍ତ ପହଞ୍ଚିବ ପିସିଆର୍। ଏହି ଉଦ୍ଦେଶ୍ୟରେ ଥାନାକୁ ଯୋଗାଇ ଦିଆଯାଇଛି ପାଟ୍ରୋଲିଂ ଭ୍ୟାନ। ହେଲେ ଦେଢ଼ମାସ ହେଲା ଅନୁଗୋଳ ଥାନାର ଏହି ଜରୁରିକାଳୀନ ଗାଡ଼ି ଅଚଳ ହୋଇ ପଡ଼ିଛି। ଏପରି କି ଜିଲା ପୋଲିସର ଏପରି ୫ଟି ଗାଡ଼ି ମରାମତି ଅପେକ୍ଷାରେ ରହିଛି। ଜିଲା ଆଇନଶୃଙ୍ଖଳା ନେଇ ଅନୁଗୋଳରେ ଅସନ୍ତୋଷ ବଢ଼ୁଥିବା ବେଳେ ପିସିଆର୍ ଭ୍ୟାନ ମରାମତିରେ ଏପରି ହେଳା ଜିଲା ପୋଲିସର ସେବା ମନୋଭାବକୁ ସନ୍ଦେହରେ ପକାଇଛି।**



ଅନୁଗୋଳ ଥାନା ପରିସରରେ ଅଚଳ ହୋଇ ପଡ଼ିରହିଥିବା ୧୧୨ ପାଟ୍ରୋଲିଂ ଭ୍ୟାନ୍।

**ଅନୁଗୋଳ ଅଫିସ, ୧୦।୬**

ଅନୁଗୋଳ ଥାନା ସମେତ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଲୁଟ୍, ଛିନତାଇ, ଚୋରି ଘଟଣା ବଢ଼ୁଥିବା ବେଳେ ଏରାଗୋଲା ଗ୍ୟାଙ୍ଗ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପାଟ୍ରୋଲିଂ, ଯାଞ୍ଚ ଅଭାବରୁ ରାଜପଥରେ ଦୁର୍ଘଟଣା ବୃଦ୍ଧି ପାଉଛି। ଟ୍ରାଫିକ ସମସ୍ୟା ମଧ୍ୟ ନିୟନ୍ତ୍ରଣରେ ନାହିଁ। ଏପରି ସ୍ଥିତିରେ ପାଟ୍ରୋଲିଂ ଭ୍ୟାନର ଗୁରୁତ୍ୱ ଯଥେଷ୍ଟ ଅଧିକ। ହେଲେ ଅନୁଗୋଳ ଥାନାର ଗୋଟିଏ ଗାଡ଼ି କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ଛେଣ୍ଡିପଦା ଥାନାର ଗୋଟିଏ, ରିଜର୍ଭ ପୋଲିସର ୨ଟି ଭ୍ୟାନ ସହ ଗୋଟିଏ ବସ୍ ଅଚଳ ହୋଇପଡ଼ିଛି। ଏହାର ମରାମତି ପାଇଁ ଜିଲା ପୋଲିସ ମୁଖ୍ୟଙ୍କ ଅନୁମୋଦନର ଆବଶ୍ୟକତା ଥିବାରୁ ୮ ଦିନ ହେଲା ଗାଡ଼ିଗୁଡ଼ିକ ମୁଖ୍ୟାଳୟରେ ରହିଛି। ଏହାକୁ କେବେ ଅନୁମତି ମିଳିବ ଓ ସଚଳ ଅବସ୍ଥାକୁ ଅଣାଯିବ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସହରବାସୀଙ୍କ କହିବା ଅନୁଯାୟୀ, ଭାରତୀୟ ଷ୍ଟେଟ ବ୍ୟାଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଅନୁଗୋଳ ଥାନାକୁ ଏକ ପିସିଆର୍ ଭ୍ୟାନ (ନଂ. ଓଡି୧୯ଏସ୍-୯୬୦୬) ଯୋଗାଇ ଦିଆଯାଇଥିଲା। କିନ୍ତୁ ଦେଢ଼ମାସ ହେଲା ଉକ୍ତ ଗାଡ଼ିଟି ଅଚଳ ହୋଇ ପଡ଼ିରହିଛି। ଗାଡ଼ିର ଚକ ଓ ବ୍ରେକ୍ ବଦଳାଯିବାର ଆବଶ୍ୟକତା ଥିଲେ ମଧ୍ୟ ଏଯାଏ ତାହା କରାଯାଇ ପାରୁନାହିଁ। ଫଳରେ ଅନୁଗୋଳ ପୋଲିସ ଗାଡ଼ି ଅଭାବରୁ ଥାନାରେ ଥିବା ଅତି ପୁରୁଣା ଗାଡ଼ି ବ୍ୟବହାର କରିବାକୁ ବାଧ ହେଉଛି। ସହର ସହ ଉପକଣ୍ଠ ଅଞ୍ଚଳରେ ଦିନକୁଦିନ ଯେପରି ଲୁଟ୍, ଚୋରି, ନିଶା ବ୍ୟବସାୟ ବଢ଼ିଚାଲିଛି ତାହାର ମୁକାବିଲା କରିବାକୁ ପୋଲିସ ଏପରି ଅବସ୍ଥାରେ କିପରି ସକ୍ଷମ ହେବ ତାହା ଆଲୋଚନାର ବିଷୟ ହୋଇଛି। କେବଳ ଅନୁଗୋଳ ପୋଲିସ ନୁହେଁ, ଜିଲାର ବିଭିନ୍ନ ଥାନାରେ ଏଭଳି ସମସ୍ୟା ରହିଛି। କେତେକ ଥାନାକୁ ତ ଏଯାଏ ଗୋଟିଏ ହେଲେ ଗାଡ଼ି ଯୋଗାଇ ଦିଆଯାଇ ନାହିଁ। ଅଭିଯୁକ୍ତଙ୍କୁ ଧରିବାକୁ ହେଉ କିମ୍ବା ତଦନ୍ତ କରିବାକୁ ଯିବା ସମୟରେ ପୋଲିସକୁ ଅନ୍ୟ ଥାନାର ଗାଡ଼ି ଆଣିବାକୁ ପଡ଼ୁଛି। ବେଳେବେଳେ ଭଡ଼ାରେ ଗାଡ଼ି କରି ଯିବାକୁ ହେଉଛି। ନିକଟରେ ଏକ ସାଇବର ଅଭିଯୁକ୍ତଙ୍କୁ ଧରିବାକୁ ଅନୁଗୋଳ ସାଇବର ଥାନାର ୫ ଜଣିଆ ଟିମ୍ ଝାଡ଼ଖଣ୍ଡର ଜାମତରା ଯାଇଥିଲା। କିନ୍ତୁ ଗାଡ଼ି ଅଭାବରୁ ଉକ୍ତ ଟିମ୍ ଅନୁଗୋଳ ଟାଉନ୍ ଥାନାରୁ ଏକ ଗାଡ଼ି ନେଇଥିଲା। ଫଳରେ ସେହି ସମୟରେ ଟାଉନ୍ ଥାନା ପୋଲିସ ଅଧିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଛେଣ୍ଡିପଦା ଥାନାରେ ମଧ୍ୟ ସମାନ ଅବସ୍ଥା। ଦୀର୍ଘ ଦିନ ହେବ ଥାନା ଗାଡ଼ି ଅଚଳ ରହିଥିଲେ ବି ମରାମତି ହୋଇପାରି ନାହିଁ। ଜିଲାର ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଥିବା ଗାଡ଼ି ମଧ୍ୟରୁ ଗୋଟିଏ କାର୍, ଗୋଟିଏ ବୋଲେରୋ ଓ ଏକ ବସ୍ ଅଚଳ ଅବସ୍ଥାରେ ରହିଛି। ସାଧାରଣତଃ ପୋଲିସ ଗାଡ଼ି ଖରାପ ହେଲେ କଟକରେ ଥିବା ପୋଲିସ ମୋଟର ପରିବହନକୁ ଅବଗତ କରାଯାଇଥାଏ। ସେଠାରୁ ପାର୍ଟ୍ସ କିମ୍ବା ଟଙ୍କା ଆସିଲେ ଗାଡ଼ି ମରାମତି କରାଯାଇଥାଏ। କିନ୍ତୁ ଅନୁଗୋଳ ଜିଲା ପୋଲିସର ୫ଟି ଗାଡ଼ି ଅଚଳ ପଡ଼ିଥିଲେ ବି ଏଯାଏ ମରାମତି କରାଯାଉ ନାହିଁ। ଏ ସମ୍ପର୍କରେ ଜିଲା ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଅଚଳ ଗାଡ଼ିଗୁଡ଼ିକର ମରାମତି ପାଇଁ ଜିଲା ପୋଲିସ ମୁଖ୍ୟାଳୟରୁ ପଦକ୍ଷେପ ନିଆଯାଉଛି।

- ମରାମତି ହେଉନି ଅଚଳ ପିସିଆର୍ ଭ୍ୟାନ
- ଜିଲା ପୋଲିସ ମୁଖ୍ୟଙ୍କ ଅନୁମତି ଅପେକ୍ଷାରେ ୫ ଗାଡ଼ି
- ଜିଲା ଆଇନଶୃଙ୍ଖଳା ଯୋଗୁ ଅନୁଗୋଳରେ ଅସନ୍ତୋଷ

### ପୋଲିସର ମନୋବଳ ଦୁର୍ବଳ କରିବ



ଅନୁଗୋଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ୁଛି। ଦୁର୍ବୃତ୍ତମାନେ ଅପରାଧ ଘଟାଇ ଦ୍ରୁତଗତିରେ ଫେରାର ମାରୁଥିବା ବେଳେ ସେମାନଙ୍କ ପିଛା କରି ଧରିବାକୁ ପୋଲିସ ନିକଟରେ ଗାଡ଼ି ଅଭାବ ରହିଛି। ଏହା ପୋଲିସର ମନୋବଳକୁ ଦୁର୍ବଳ କରିଦେବ।

-ରଞ୍ଜନ ପାତ୍ର, ବୁଦ୍ଧିଜୀବୀ

### ଅସାମାଜିକ ସାବାଡ଼ ହେବେ କେମିତି



ଅନୁଗୋଳ ପୋଲିସର ଗାଡ଼ିକୁ ଅନେକ ସମୟରେ ରାସ୍ତାରେ ଠେଲାଯିବା ଭଳି ଘଟଣା ଦେଖିବାକୁ ମିଳିଛି। ଜନସାଧାରଣଙ୍କୁ ସୁରକ୍ଷା ଯୋଗାଉଥିବା ପୋଲିସକୁ ଯଦି ଭଲ, ଅତ୍ୟାଧୁନିକ ଗାଡ଼ି ଯୋଗାଇ ଦିଆ ନ ଯିବ, ତା'ହେଲେ ଅସାମାଜିକଙ୍କୁ ସାବାଡ଼ କରାଯିବ କେମିତି।

-ଭବାନୀ ପ୍ରଧାନ, ଆଇନଜୀବୀ

### ଅଧିକାରୀ ତତ୍ପର ହୁଅନ୍ତୁ



ଅଚଳ ଗାଡ଼ିଗୁଡ଼ିକ ମରାମତି କରିବାରେ ଏପରି ଅବହେଳା କରାଯିବା ଉଚିତ ନୁହେଁ। ଜରୁରୀ ସେବାରେ ନିୟୋଜିତ ଏସବୁ ଗାଡ଼ି ପଡ଼ିରହିଲେ ଆଇନ ଶୃଙ୍ଖଳା ନିୟନ୍ତ୍ରଣରେ ରହିବ ନାହିଁ। ଏ ନେଇ ଅଧିକାରୀମାନେ ତତ୍ପରତା ଦେଖାନ୍ତୁ।

-ପ୍ରସନ୍ନ କୁମାର ବେହେରା, ବୁଦ୍ଧିଜୀବୀ

### ଅତ୍ୟାଧୁନିକ ଯାନ ଯୋଗାଯାଉ



ଛେଣ୍ଡିପଦା ଥାନା ଅଞ୍ଚଳରେ ଖଣିଖାଦାନ ଥିବାରୁ ଏଠାରେ ଅପରାଧ ବଢ଼ୁଛି। ଖଣିଜ ସାମଗ୍ରୀର ଚୋରା କାରବାର ହେଉଛି। ସେହି ଦୃଷ୍ଟିରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ସେବା ଅତି ଜରୁରୀ। ହେଲେ ଜିଲା ପୋଲିସ ପ୍ରଶାସନ ଏହି ଥାନାକୁ ଭଲ ଗାଡ଼ିଟିଏ ଦେବାରେ ବିଫଳ। ତୁରନ୍ତ ଅତ୍ୟାଧୁନିକ ଗାଡ଼ି ଯୋଗାଣ ସହ ରକ୍ଷଣାବେକ୍ଷଣ ଉପରେ ଦୃଷ୍ଟି ଦିଆଯାଉ।

-ଚୌଧୁରୀ ପ୍ରଧାନ, ଆଇନଜୀବୀ

## ଅଗ୍ନି ବିପନ୍ନଙ୍କୁ ରିଲିଫ ବଣ୍ଟନ

**ଆଠମଲ୍ଲିକ,୧୦।୬(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତର ଓଲଥ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ସର୍ବସ୍ୱାନ୍ତ ହୋଇଥିବା ୧୩ ପରିବାରକୁ ପୂର୍ବତନ ପୂର୍ତ୍ତ ସଚିବ ତଥା ବିଜେଡିର ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ ଭେଟି ସମବେଦନା ଜଣାଇବା ସହିତ କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ ବଣ୍ଟନ କରିଛନ୍ତି। ପ୍ରତି ପରିବାରର ସଦସ୍ୟଙ୍କ ଆବଶ୍ୟକତା ଅନୁଯାୟୀ ଲୁଗାପଟା, ଶୁଖିଲା ଖାଦ୍ୟ ସହିତ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସେମାନଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘର କେମିତି ମିଳିପାରିବ, ସେ ନେଇ ଗୁରୁତ୍ୱ ଦେଇଥିଲେ। ପ୍ରଧାନଙ୍କ ସହିତ ଆଠମଲ୍ଲିକ ଏନ୍ଏସି ଅଧକ୍ଷା ଆଶାକୁମାରୀ ସାହୁ, ଉପାଧକ୍ଷ ଗଦାଧର ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ବବିତା କର୍ଣ୍ଣ, ରଶ୍ମିରେଖା ମାହାର, ବିଜେଡି ଯୁବନେତା ମହେନ୍ଦ୍ର ସାହୁ, ଦୁଃଖିଶ୍ୟାମ ରାଉଳ, ଚିତ୍ତରଞ୍ଜନ କର୍ଣ୍ଣଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।


ଅଗ୍ନି ବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯାଉଛି।

## ବାଜି ମାରିଲେ କେନ୍ଦୁଝର ଖେଳାଳି



କୃତୀ ଖେଳାଳିମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ଅନୁଗୋଳ ଅଫିସ, ୯।୬**

ଅନୁଗୋଳ ଇନ୍ଡୋର ଷ୍ଟାଡିୟମ୍‌ଠାରେ ୨୯ତମ ଓଡ଼ିଶା ରାଜ୍ୟ ଉସୁ ଚାମ୍ପିୟନଶିପ୍-୨୦୨୩ର ଦ୍ୱିତୀୟ ଦିବସରେ ସବ୍ ଜୁନିୟର ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୭ ବର୍ଷରୁ କମ୍ ବାଳକ ବର୍ଗରେ ଖୋର୍ଦ୍ଧାକୁ ସ୍ୱର୍ଣ୍ଣ ଓ ରୌପ୍ୟ ମିଳିଥିବାବେଳେ ବାଳିକା ବିଭାଗରେ ଅନୁଗୋଳକୁ ସ୍ୱର୍ଣ୍ଣ ଓ ସୁନ୍ଦରଗଡ଼କୁ ରୌପ୍ୟ ପଦକ ମିଳିଛି। ସେହିଭଳି ୧୨ ବର୍ଷରୁ କମ୍ ବର୍ଗରେ ୬ଟି ବିଭାଗରେ କେନ୍ଦୁଝରକୁ ୪ଟି ସ୍ୱର୍ଣ୍ଣ ମିଳିଥିବାବେଳେ ଅନୁଗୋଳ ଓ ସୁନ୍ଦରଗଡ଼କୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ମିଳିଛି। ବାଳିକା ବର୍ଗରେ କେନ୍ଦୁଝରର ଖେଳାଳି ୩ଟି ସ୍ୱର୍ଣ୍ଣ, ବଲାଙ୍ଗୀର ଓ ନୂଆପଡ଼ା ଖେଳାଳି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏଥିସହ ୧୪ ବର୍ଷରୁ କମ୍ ବର୍ଗରେ କେନ୍ଦୁଝର, ବରଗଡ଼ ଓ ଖୋର୍ଦ୍ଧାକୁ ଦୁଇଟି ଲେଖାଏ ସ୍ୱର୍ଣ୍ଣ ପଦକ ମିଳିଛି। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ୍ ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିବାବେଳେ ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଉସୁର ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା ଉପସ୍ଥିତ ଥିଲେ। ଅନୁରାଧା ଡୋରା, ପଣ୍ଡା ମହନ୍ତ, ପୃଥ୍ୱୀରାଜ ହରିଚନ୍ଦନ, ମିଥୁନ ଚକ୍ରବର୍ତ୍ତୀ, ସାହାଜାନ ରଥ ପ୍ରମୁଖ ଜଜ୍ ଭାବେ ଯୋଗ ଦେଇଥିଲେ।

## କଦଳୀ ବଗିଚା ଉଜାଡ଼ିଲେ ହାତୀପଲ

**ଛେଣ୍ଡିପଦା,୧୦।୬.(ସ୍ୱ.ପ୍ର)**

ଅନୁଗୋଳ ଜିଲା ଜରପଡା ବନାଞ୍ଚଳ ପଳସବଣିଆ ଗ୍ରାମରେ ବିଳମ୍ବିତ ରାତିରେ ହାତୀପଲ ପଶି ବ୍ୟାପକ କଦଳୀ ଗଛ ନଷ୍ଟ କରିଛନ୍ତି। କଦଳୀ ବଗିଚାରୁ ୨ ହଜାରରୁ ଅଧିକ କଦଳୀ ଗଛ ଦଳିଚକଟି ଦେଇଛନ୍ତି। ପ୍ରକାଶ ଯେ, ବାଲିପଙ୍ଗା ଅଞ୍ଚଳରେ ୧୦ ରୁ ୧୫ଦିନ ହେବ ହାତୀପଲ ଘୂରି ବୁଲୁଥିବାବେଳେ ବହୁ ଲୋକଙ୍କ କଦଳୀ ଓ ଆମ୍ବ ବଗିଚା ନଷ୍ଟ କରୁଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ପଳସାବଣିଆ ଗ୍ରାମର କହ୍ନାଇ ପ୍ରଧାନଙ୍କ କଦଳୀ ବଗିଚାରେ ପଶି ଏହାକୁ ଉଜାଡ଼ି ଦେଇଛନ୍ତି। ଏହି ହାତୀପଲରେ ୧୮ଟି ହାତୀ ଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଖବରପାଇ ସକାଳେ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀ ଘଉଡାଇ ଥିଲେ। ଏ ନେଇ ବନାଞ୍ଚଳ ଅଧିକାରୀ ମାଧବ ନାଏକ କହିଛନ୍ତି, ଗ୍ରାମର ଚତୁଃପାର୍ଶ୍ୱରେ ଜଙ୍ଗଲ ରହିଛି। କର୍ମଚାରୀମାନେ ଗୋଟିଏ ପାର୍ଶ୍ୱରେ ରହିଥିବା ବେଳେ ଅନ୍ୟପାର୍ଶ୍ୱରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି।


ହାତୀପଲ ଉଜାଡ଼ି ଦେଇଥିବା କଦଳୀ ଫସଲ।

## ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉ

**ବଇଣ୍ଡା,୧୦।୬(ଡି.ଏନ.ଏ.)**

ଅନେକ ଗରିବ ଛାତ୍ରୀଛାତ୍ର ଦଶମ ପରୀକ୍ଷା ସମାପ୍ତ ପରେ ଉଚ୍ଚଶିକ୍ଷା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। ଫଳରେ ଏହି ମେଧାବୀ ଛାତ୍ରୀଛାତ୍ରମାନେ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁନାହାନ୍ତି। ତେଣୁ ଏପରି ଛାତ୍ରୀଛାତ୍ରମାନେ କିପରି ଉଚ୍ଚଶିକ୍ଷା ପାଇପାରିବେ ସେ ସମ୍ପର୍କରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ଶନିବାର ଆଠମଲ୍ଲିକ ବ୍ଲକ ବରହମ ଗ୍ରାମରେ ଷୋଳପଦା କୋଡା ସମାଜର ବାର୍ଷିକ ବୈଠକରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିମ୍ବାଧର ବେହେରା, ପ୍ରମୋଦ ପ୍ରଧାନ, ତ୍ରିନାଥ ଚରଣ ଦେହୁରୀ, ଶଙ୍କର ମାଝି, ଯାଦବ ପ୍ରଧାନ, ମିଲୁ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ସମାଜର ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ନୀତିଆଦର୍ଶ ମାନି ଚଳିବା ପାଇଁ ଉପସ୍ଥିତ ସଦସ୍ୟଙ୍କୁ ପରାମର୍ଶ ଦିଆଯାଇଥିଲା।



କୋଡା ସମାଜର ବାର୍ଷିକ ବୈଠକରେ ମଞ୍ଚାସୀନ ଅତିଥି।

## ୨ ଅଭିଯୁକ୍ତ ଗିରଫ

**କଣିହାଁ,୧୦।୬(ଡି.ଏନ.ଏ.)**

କଣିହାଁ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ପ୍ରକାଶ, ବଡଗୁଣ୍ଡୁରୀ ଛକ ନିକଟରେ ଏକ ବାଇକ୍‌ରେ ବେଆଇନ କୋଇଲା ଚାଲାଣ ହେଉଥିବା ବେଳେ ସାନତ୍ରିବିଡା ଗ୍ରାମର ମହର୍ଗା ସାହୁ (୨୪)ଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୧୪/୨୦୨୩ରେ ମାମଲା ରୁଜୁ ହୋଇଛି। ସେହିପରି ଟାକୁଆ ଗ୍ରାମର ମାନସ ନାଏକ (୨୪)ଙ୍କୁ ୨୦୨୨ ମସିହାରେ ପୁରୁଣା ଚୋରି ମାମଲାରେ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ବାଲ୍ୟ ବିବାହ ଉପରେ ରୋକ ଲଗାଯାଉ



ଅବସର ଗ୍ରହଣ କରିଥିବା ବଇଣ୍ଡା କଲେଜ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବଇଣ୍ଡା,୧୦।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଶନିବାର ବିଶ୍ୱଯୁବ କେନ୍ଦ୍ର ପକ୍ଷରୁ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା ଓ ଶିଶୁ ଚାଲାଣ ରୋକିବା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ସଞ୍ଚୁହାସିନୀ ସାହୁ, ଅବସରପ୍ରାପ୍ତ ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗ ଦେଇଥିଲେ। ବାଲ୍ୟବିବାହ ରୋକିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସନ୍ତୋଷ କୁମାର ବେହେରା ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ଗ୍ରାମରୁ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ବଇଣ୍ଡା କଲେଜର ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କୁ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ବଇଣ୍ଡା/ କଣିହାଁ,୧୦।୬(ଡି.ଏନ.ଏ.)**

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଶନିବାର କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଆଠମଲ୍ଲିକ ବ୍ଲକ କନ୍ତପଡା ଗ୍ରାମରେ ଅନେକ ଚାଳ ଓ ଆଜବେଷ୍ଟ ଘରର ଛପର ଉଡିଯାଇଛି। ବହୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ୧୧ କେଭି ତାର ଛିଣ୍ଡି ପଡିଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଅନେକସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହ ପରିବା ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ସେହିପରି କଣିହାଁ ବ୍ଲକ ଏନ୍‌ଟିପିସି ବଜାର ନିକଟସ୍ଥ ଭୀମକାଣ୍ଡ ଗ୍ରାମ ଛକରେ ଏକ ବରଗଛ ଉପୁଡି ପଡ଼ିବାରୁ ବାଇକ୍ ଓ ଅଟୋ କ୍ଷତିଗ୍ରସ୍ତ ହୋଇଛି। ଖବରପାଇ କଣିହାଁ ଅଗ୍ନିଶମ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଗାଡ଼ିଗୁଡ଼ିକୁ ବାହାର କରିଥିଲେ। କଣିହାଁ ଅଗ୍ନିଶମ ବିଭାଗ ଅଧିକାରୀ ଭ୍ରମର ବର ମହାନ୍ତି କହିଛନ୍ତି, ଦୁଇଟି ବାଇକ, ଗୋଟିଏ ଅଟୋ କ୍ଷତିଗ୍ରସ୍ତ ହୋଇଛି। ଜଣେ ବ୍ୟକ୍ତିଙ୍କ ଆଜବେଷ୍ଟସ୍ ଘର ଭାଙ୍ଗିଯାଇଛି। ସେହିପରି ବଅଁରପାଳ ତହସିଲ ନୂଆହତା ପଞ୍ଚାୟତର ବାଲିସାହି ହରିଜନ ବସ୍ତିର ଗୀତା ଗୋଛାୟତ, ପ୍ରମିଳା ଗୋଛାୟତ, ବିମଳା ଗୋଛାୟତ, ସୁକାନ୍ତ ଗୋଛାୟତ, ରୁପେଲି ଗୋଛାୟତ, ରିନା ଗୋଛାୟତ, ବାସନ୍ତୀ ଲୋହାର, ସୁକାନ୍ତି ହେମ୍ବ୍ରମଙ୍କ ଚାଳ ଓ ଆଜବେଷ୍ଟସ ଛପର ଉଡିଯାଇଛି।



ବଇଣ୍ଡା ଅଞ୍ଚଳରେ ଗଛ ଉପୁଡ଼ି ପଡ଼ିଛି। କଣିହାଁରେ ଏକ ଗଛ ଉପୁଡ଼ି ଗାଡ଼ି ଉପରେ ପଡ଼ିଛି।

## ଫାଇଲେରିଆ ମୁକ୍ତ ଉପରେ ଗୁରୁତ୍ୱାରୋପ

**ଅନୁଗୋଳ ଅଫିସ,୧୦।୬**

ଅନୁଗୋଳ ଜିଲାରେ ସାମୂହିକ ଫାଇଲେରିଆ ଔଷଧ ସେବନ ନିମନ୍ତେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ଅଧକ୍ଷତା କରି ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ଦେଇଥିଲେ। ଏଥିସହ ସମସ୍ତେ ଯେପରି ଫାଇଲେରିଆ ଔଷଧ ସେବନ କରିବେ, ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କେବଳ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ଔଷଧ ଖାଇବେ ନାହିଁ। ୬ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଓ ନିକଟରେ ପ୍ରସବ କରିଥିବା ମା'ମାନେ ଏକ ସପ୍ତାହ ମଧ୍ୟରେ ଆଇଭରମାକ୍ଟିନ ବଟିକା ଖାଇବେ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଆଞ୍ଚଳିକ ସଂଯୋଜକ ଡା. ଦେବକାନ୍ତ ନାୟକ ପାୱାର ପଏଣ୍ଟ ମାଧ୍ୟମରେ ସାମୂହିକ ଔଷଧ ସେବନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପୂର୍ଣ୍ଣିମା ଉଦ୍‌ଗାତା ଫାଇଲେରିଆ ଔଷଧର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ଓ ସମ୍ପୂର୍ଣ୍ଣ ନିରାପଦ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଡା. ଦିଲୀପ କୁମାର ପଟ୍ଟନାୟକ, ଡା. ମାନସ ରଞ୍ଜନ ବିଶ୍ୱାଳ, ଡା. ଧନେଶ୍ୱର ବେହେରା, ଦୀପକ କୁମାର ମହାନ୍ତି, ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ନାଲ୍‌କୋ ଓ ଜେଏସ୍‌ପିଏଲ୍‌ର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଭେକ୍ଟର ବାହିତ ରୋଗ ଅଧିକାରୀ ନିରୁପମା ଦାସ ସଂଯୋଜନା କରିଥିଲେ। ଜିଲାର କଣିହାଁ, ତାଳଚେର ଓ କିଶୋରନଗର ବ୍ଲକ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକରେ ଅଗଷ୍ଟ ୧୦ରୁ ୧୯ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିବ। ଏହାର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ଡା. ପ୍ରଧାନ ସମସ୍ତଙ୍କ ସହଯୋଗ ଲୋଡିଥିଲେ।


ବୈଠକରେ ଜିଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଅନ୍ୟମାନେ।

# ପର୍ଯ୍ୟଟନକୁ ସମୃଦ୍ଧ କରିବ 'ମହିମା ସେତୁ'

## ବଦଳିବ ୨୦ ପଞ୍ଚାୟତର ବିକାଶ ଚିତ୍ର

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକର ଯୋରନ୍ଦା ଏବଂ ଭୁବନ ବ୍ଲକର ଗୋରଡ଼ିଆ-ସରଦେଇପୁର ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ଲୋକାର୍ପିତ ହୋଇଛି 'ମହିମା ସେତୁ'। ଏହି ବହୁ ପ୍ରତୀକ୍ଷିତ ବ୍ରିଜ୍ ଜିଲା ପର୍ଯ୍ୟଟନକୁ ସମୃଦ୍ଧ କରିବ। ପର୍ଯ୍ୟଟକମାନେ ଅତି ସୁବିଧାରେ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ପାରିବେ। ଏଥିସହ ୨୦ ପଞ୍ଚାୟତର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶରେ ମଧ୍ୟ ହୋଇପାରିବ ବୋଲି ଜିଲାର ବୁଦ୍ଧିଜୀବୀମାନେ କହିଛନ୍ତି।

ମହିମାଧର୍ମପୀଠ ଯୋରନ୍ଦାସ୍ଥିତ ମହିମାଗାଦିକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଲାଗି ରାଜ୍ୟ ସରକାର ନୀଳନକ୍ସା ପ୍ରସ୍ତୁତ କରିଛନ୍ତି। ୧୦ କୋଟି ଟଙ୍କା ବ୍ୟୟରେ ଏହାର ବିକାଶ କାର୍ଯ୍ୟ ଚାଲିଛି। ଗତ ମେ' ୨୯ରେ '୫-ଟି' ସଚିବ ଭି.କେ ପାଣ୍ଡିଆନ୍ ମହିମାଗାଦି ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ନୂତନ ବ୍ରିଜ୍‌ର ନାମ 'ମହିମା ସେତୁ' ରଖାଯାଇଥିବା ସେ ଘୋଷଣା କରିଥିଲେ। ଅପରାହ୍ନରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଏହାର ଲୋକାର୍ପଣ କରାଯାଇଥିଲା। ନୂତନ ବ୍ରିଜ୍ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଏବଂ ଖଣି ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବ। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଜଳମାର୍ଗ ପ୍ରାଧିକରଣ ପକ୍ଷରୁ ବ୍ରାହ୍ମଣୀ ନଦୀରେ ମାଲବାହୀ ଜାହାଜ ଚଳାଚଳ ପାଇଁ ପ୍ରସ୍ତାବ ରହିଥିବାବେଳେ ନିୟମ ଅନୁଯାୟୀ ସେତୁର ଉଚ୍ଚତା ୬୫ ମିଟର କରାଯାଇଥିବା ମନ୍ତ୍ରୀ ମଲ୍ଲିକ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ଗଁନ୍ଦିଆ ବ୍ଲକର କାଲୁରିଆରୁ ଭୁବନ ବ୍ଲକର ଗୋରଡ଼ିଆକୁ ଯୋଡ଼ିଛି 'ମହିମା ସେତୁ'। ୩୦ ସ୍ପାନ୍ ବିଶିଷ୍ଟ ଏହି ବ୍ରିଜ୍‌ର ଲମ୍ବା ୧୮୬୨ ମିଟର ଏବଂ ପ୍ରସ୍ଥ ୧୬ ମିଟର। ତେବେ ଉଭୟ ପାର୍ଶ୍ୱର ଆପ୍ରୋଚ୍ ରାସ୍ତାକୁ ମିଶାଇଲେ ଏହାର ଦୈର୍ଘ୍ୟ ୨୨୨୫ ମିଟର। ୨୦୧୯ ଅକ୍ଟୋବର ୧ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ୨୫ରେ ଶେଷ ହୋଇଥିଲା। ଏଥିରେ ଖର୍ଚ୍ଚ ହୋଇଛି ୨୫୪.୬୩ କୋଟି ଟଙ୍କା।

ଉଭୟ ବ୍ଲକବାସୀଙ୍କ ଗମନାଗମନରେ ବ୍ରାହ୍ମଣୀ ନଦୀ ବାଧକ ସାଜୁଥିବାବେଳେ 'ମହିମା ସେତୁ' ଲୋକାର୍ପଣ ସହ ସମସ୍ୟାର ସମାଧାନ ହୋଇଛି। ଏହି ବ୍ରିଜ୍ କେବଳ ଗମନାଗମନ ବ୍ୟବସ୍ଥାକୁ ସରଳ କରିବନାହିଁ, ଅଧିକନ୍ତୁ ପ୍ରସିଦ୍ଧ ଶୈବପୀଠ କପିଳାସ, ମହିମାଧର୍ମ ପୀଠ ଯୋରନ୍ଦା ମହିମାଗାଦି ସମେତ ଅନ୍ୟ ପର୍ଯ୍ୟଟନସ୍ଥଳୀକୁ ଯିବା ଲାଗି ସମୟ ଖର୍ଚ୍ଚ କମାଇଛି। ସେହିପରି କାମାକ୍ଷାନଗର ଉପଖଣ୍ଡରେ ଥିବା ଖଣିଗୁଡ଼ିକରୁ ଏହି ସେତୁ ଦେଇ ସୁବିଧାରେ ଖଣିଜ ସାମଗ୍ରୀ ପରିବହନ ହୋଇପାରିବେ। କଟକ ଜିଲାର ଚାରବାଟିଆ, ଚୌଦ୍ୱାର ଆଦି ଅଞ୍ଚଳକୁ ମାଲ୍ ପହଞ୍ଚାଇବାରେ ମଧ୍ୟ ଏହା ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଅନୁରୂପ ଭାବେ ପରଜଙ୍ଗ ବ୍ଲକ ବଡ଼କମର ଓ ଓଡ଼ାପଡା ବ୍ଲକର ଖଡ଼ଗପ୍ରସାଦ ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ୧୧୪.୯୨ କୋଟି ଟଙ୍କା ବ୍ୟୟ ଅଟକଳରେ ଅନ୍ୟ ଏକ ସେତୁ ନିର୍ମାଣ ପାଇଁ ଆପ୍ରୋଚ୍ ରୋଡ୍ କାମ ଆରମ୍ଭ ହୋଇଛି। ଢେଙ୍କାନାଳ ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ଏହା ହେବ ୫ମ ସେତୁ। ୨୦୨୪ ମାର୍ଚ୍ଚ ସୁଦ୍ଧା ଏହାର କାର୍ଯ୍ୟ ଶେଷ ହେବ ବୋଲି ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଶୋକ କୁମାର ଗିରି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ-ଭୁବନ ମଧ୍ୟରେ ବାଜି ରାଉତ ସେତୁ, ଢେଙ୍କାନାଳ-କାମାକ୍ଷାନଗର ମଧ୍ୟରେ ସାରଙ୍ଗଧର ସେତୁ, ପରଜଙ୍ଗ-ଓଡ଼ାପଡ଼ା ମଧ୍ୟରେ ବଡ଼କମର ସେତୁ, ପରଜଙ୍ଗ-ତାଳଚେର ମଧ୍ୟରେ ପୁରୁଣା ବ୍ରାହ୍ମଣୀ ସେତୁ ଦେଇ ଏବେ ଗମନାଗମନ ହେଉଛି।


କାଲୁରିଆଠାରେ ନିର୍ମିତ ମହିମାସେତୁ।


ବୈଠକରେ ଯୋଗଦେଇଥିବା ଭାଜପା ନେତୃବୃନ୍ଦ।

# ୧୭ରେ ଢେଙ୍କାନାଳ ଆସିବେ ଅମିତ ଶାହା

**ଢେଙ୍କାନାଳ ଅଫିସ, ୧୦।୬**

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନର ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୧୭ ତାରିଖରେ ଢେଙ୍କାନାଳରେ ଆୟୋଜିତ ହେବାକୁ ଥିବା ମହାଜନସମ୍ପର୍କ ଅଭିଯାନ ସମାବେଶରେ ଯୋଗଦେବେ ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା। ଏହାକୁ ନେଇ ଜିଲା ଭାଜପା ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଛି।

ସହର ଉପକଣ୍ଠ ମହିଷାପାଟ ପଲ୍ଲିଶ୍ରୀ ମେଳାପଡ଼ିଆରେ ପୂର୍ବାହ୍ନ ୧୧ଟାରେ ମହାଜନସମ୍ପର୍କ ଅଭିଯାନ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଢେଙ୍କାନାଳ ଲୋକ ସଭା କ୍ଷେତ୍ରରୁ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦାନ କରିବେ। ସମାବେଶ ପରେ ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ। ଏଥିସହ ଢେଙ୍କାନାଳ ଓ ଅନୁଗୋଳ ଜିଲାର କାର୍ଯ୍ୟକର୍ତ୍ତାଙ୍କ ସହ ସାଙ୍ଗଠନିକ କାର୍ଯ୍ୟର ମାନସ ମନ୍ଥନ କରିବେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସମାବେଶକୁ ସଫଳ କରିବା ପାଇଁ ଶନିବାର ଦଳୀୟ ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ପରେ ନେତୃବୃନ୍ଦ ମହିଷାପାଟ ପଡ଼ିଆ ଅନୁଧ୍ୟାନ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ସୀମାଞ୍ଚଳ ଖଟେଇ, ବିନୋଦ ଦାଶ, ନିରଞ୍ଜନ ମିଶ୍ର, ସାରଦା ପ୍ରସନ୍ନ ପ୍ରଧାନ, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ରାମଚନ୍ଦ୍ର ପାତ୍ର, ଇତିଶ୍ରୀ ସାହୁ, ନିରୋଜ ନଳିନୀ ମହାଲିକ, ପ୍ରେମାନନ୍ଦ ଜେନା, ନବକିଶୋର ଗୁରୁ, ସୁନୀଲ ଶର୍ମା, ରତିକାନ୍ତ ସାହୁ, ପବିତ୍ର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ସଞ୍ଜୀବ ମହାପାତ୍ର, ଯଶୋବନ୍ତ ମହିମା, ମମତା ସ୍ୱାଇଁ, ଦୀପକ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଦ୍ୱିକା କପ୍ ହକି ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୧୦।୬**

କିଶୋରୀଙ୍କ ଦକ୍ଷତା ବୃଦ୍ଧି ଓ ପ୍ରତିଭାର ବିକାଶ କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ଶୁକ୍ରବାର ଆୟୋଜିତ ହୋଇଛି ଜିଲାସ୍ତରୀୟ ଅଦ୍ୱିକା କପ୍ ହକି ପ୍ରତିଯୋଗିତା। ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବା, ଶିଶୁ ଶ୍ରମିକ ପ୍ରଥା ହଟାଇବା, ଶିଶୁ ନିର୍ଯାତନା ରୋକିବା ଲକ୍ଷ୍ୟରେ ଜିଲା ପ୍ରଶାସନ, ୟୁନିସେଫ୍, ଆକ୍ସନଏଡ୍ ଆସୋସିଏଶନ, ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ଶାଖା ଓ ଗଣେଶ ଜୁଏଲେରି ସହାୟତାରେ ଏହାର ଆୟୋଜନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୫୦ କିଶୋରୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କୁ ୩ ଦଳରେ ବିଭକ୍ତ କରାଯାଇଥିଲା। ପ୍ରତିଯୋଗୀମାନେ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ।

ଉଦ୍‌ଘାଟନୀ ସମାରୋହରେ ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ମୋନାଲିସା ଭଞ୍ଜ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଆକ୍ସନଏଡ୍-ୟୁନିସେଫ୍‌ର ଅନୁଗୋଳ, କଟକ ଓ ଢେଙ୍କାନାଳ ଜିଲା ସଂଯୋଜକ ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର ଟ୍ରଫି ପ୍ରଦାନ କରିଥିଲେ।


ହକି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

# ପ୍ରତିଭା ଗଢୁଛି ଓଡ଼ିଶା ନାଭାଲ ଟାଟା


କୋଚ୍‌ଙ୍କ ଗହଣରେ ହକି ପ୍ରଶିକ୍ଷଣ ନେଉଥିବା କ୍ରୀଡ଼ାବିତ୍‌ମାନେ।

**ଢେଙ୍କାନାଳ ଅଫିସ, ୧୦।୬**

## ହକି ପ୍ରଶିକ୍ଷଣ ନେଉଛନ୍ତି ୩୦୦ ପ୍ରଶିକ୍ଷାର୍ଥୀ

ଢେଙ୍କାନାଳ ଜିଲାରେ ହକିର ହୃତଗୌରବ ଫେରାଇ ଆଣିବା ଲାଗି ଓଡ଼ିଶା ନାଭାଲ ଟାଟା ହକି ପରଫର୍ମାନ୍ସ ସେଣ୍ଟର ଯେଉଁ ଉଦ୍ୟମ ଆରମ୍ଭ କରିଥିଲା, ତାହା ଏବେ ଧୀରେ ଧୀରେ ସାକାର ରୂପ ନେଉଛି। ଏଠାରେ ୩୦୦ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଉଥିବା ବେଳେ ପ୍ରତିଭାବାନ ଖେଳାଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲେଣି। ଏଭଳି ପ୍ରୟାସ ଜିଲାର ହକିର ସ୍ୱର୍ଣ୍ଣିମ ଯୁଗକୁ ଫେରାଇ ଆଣିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ତୃଣମୂଳସ୍ତରରେ ହକିର ଉନ୍ନତି ଲାଗି ୨୦୨୧ ଜାନୁୟାରୀରେ ଆରମ୍ଭ ହୋଇଥିଲା ଓଡ଼ିଶା ନାଭାଲ ଟାଟା ହକି ପରଫର୍ମାନ୍ସ ସେଣ୍ଟର। ଏବେ ଏଠାରେ ଢେଙ୍କାନାଳ ଜିଲାର ୧୦ରୁ ୧୭ ବର୍ଷ ବୟସର ୩୦୦ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ତନ୍ମଧ୍ୟରେ ୧୧୫ ବାଳିକା ଏବଂ ୧୮୫ ବାଳକ ରହିଛନ୍ତି। ସେମାନଙ୍କୁ ଲବ୍ଧପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଦ୍ୱାରା ଉନ୍ନତମାନର ପ୍ରଶିକ୍ଷଣ ଦିଆଯାଉଛି। ପଡ଼ିଆରେ ସେମାନେ ଯେଭଳି ଭଲ ପ୍ରଦର୍ଶନ କରିବେ, ଛୋଟ ଛୋଟ ତ୍ରୁଟି ନ କରି ବିପକ୍ଷଙ୍କ ଉପରେ ଚାପ ପ୍ରୟୋଗ କରିପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଫଳରେ ରାଜ୍ୟସ୍ତରୀୟ ଆନ୍ତଃଜିଲା ପ୍ରତିଯୋଗିତାରେ ବାଳିକା ଦଳ ବିଜୟୀ ହୋଇଛି। ସବ୍ ଜୁନିୟର ଆନ୍ତଃଜିଲା ପ୍ରତିଯୋଗିତାରେ ବାଳକ ଦଳ ତୃତୀୟ ସ୍ଥାନ ଅଧିକାର କରିପାରିଛି। ଓଡ଼ିଶା ନାଭାଲ ଟାଟା ତୃଣମୂଳ ଲିଗ୍ ୨୦୨୨-୨୩ର ପଦାର୍ପଣରେ ଢେଙ୍କାନାଳ କେନ୍ଦ୍ରର ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସର୍ବଭାରତୀୟ ଶିବିରରେ ପ୍ରତିନିଧିତ୍ୱ ମଧ୍ୟ କରିଛନ୍ତି। ବିଶିଷ୍ଟ ହକି କ୍ରୀଡ଼ାବିତ୍ ବାବୁଲା ପ୍ରସାଦ ମହାନ୍ତି, ସାଇ ପ୍ରସାଦ ନିୟମିତ ଭାବେ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ଫ୍ଲୋରେନ୍ସିଆ ଏକ୍କା ଏଥିରେ ସହାୟତା ପ୍ରଦାନ କରୁଛନ୍ତି।

ଏ ସମ୍ପର୍କରେ ଯୁବ ହକି ଖେଳାଳି ଅମରେଶ କବି କୁହନ୍ତି, ବୃଦ୍ଧି ପାଉଥିବା ହକିର ଲୋକପ୍ରିୟତାରେ ଅନୁପ୍ରାଣିତ ହୋଇ ସେ ୩ବର୍ଷ ହେଲା ଖେଳ ଜାରି ରଖିଛନ୍ତି। ପ୍ରଥମେ ଆତ୍ମବିଶ୍ୱାସ କମ୍ ଥିଲା। କିନ୍ତୁ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଭୟ କମିଛି। ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ୧୪ରୁ ବ୍ଲକସ୍ତରୀୟ କବାଡ଼ି

**ଭୁବନ, ୧୦।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଯମୁନାକୋଟରେ ରଜ ମହୋତ୍ସବ ଉପଲକ୍ଷେ ଆସନ୍ତା ୧୪ ତାରିଖରୁ ଦୁଇଦିନ ଧରି ବ୍ଲକସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଆୟୋଜିତ ହେବ। ଏହାକୁ ଶୃଙ୍ଖଳିତ କରିବା ଲାଗି ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିରାଳ ସରପଞ୍ଚ ଉଦୟନାଥ ଲେଙ୍କା, ଯମୁନାକୋଟ ସରପଞ୍ଚ ରଞ୍ଜନ ବାରିକ, ମାର୍ଥପୁର ସରପଞ୍ଚ ରାଜେନ୍ଦ୍ର ମଲ୍ଲିକ, ମଠକରଗୋଳା ସରପଞ୍ଚ ଅଜୟ ନାୟକ, ଆୟୋଜକ ଭୁବନ-କାମାକ୍ଷାନଗର ବିକାଶ ସମିତିର ଅଧ୍ୟକ୍ଷ ଅରୁଣ ନାୟକ, ସାଧାରଣ ସମ୍ପାଦକ ଉମାକାନ୍ତ ସାହୁ, ବାପୁଜୀ କ୍ରିକେଟ କ୍ଲବ ମ୍ୟାନେଜର ସର୍ବାନନ୍ଦ ବେହେରା, ବାରୁଆଁ କଲେଜର କ୍ରୀଡ଼ା ପ୍ରଶିକ୍ଷକ ଲକ୍ଷ୍ମଣ ରାଉତଙ୍କ ସମେତ ଅଞ୍ଚଳର ଶତାଧିକ ଉତ୍ସାହୀ ଯୁବକ ଯୋଗଦେଇଥିଲେ।

ବ୍ଲକର ସମସ୍ତ ପଞ୍ଚାୟତରୁ ଗୋଟିଏ ଲେଖାଏ ଏବଂ ଭୁବନ ଏନ୍ଏସିରୁ ଦୁଇଟି ଦଳ ଅଂଶଗ୍ରହଣ କରିବେ। ପ୍ରତି ପ୍ରତିଯୋଗୀଙ୍କୁ ଯାତାୟାତ ଖର୍ଚ୍ଚ ବାବଦରେ ୧୦୦୦ ଟଙ୍କା ପ୍ରଦାନ କରାଯିବ। ବିଜେତା ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା ଏବଂ ଉପବିଜେତା ଦଳକୁ କପ୍ ସହ ୫,୦୦୦ ଟଙ୍କା ଦେଇ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଉଦୟନାଥ ଲେଙ୍କାଙ୍କୁ ଆବାହକ ଏବଂ ରଞ୍ଜନ ବାରିକଙ୍କୁ ଅଭ୍ୟର୍ଥନା କମିଟି ଦାୟିତ୍ୱ ଦିଆଯାଇଛି।

ରଜ ମହୋତ୍ସବ ଅବସରରେ ପ୍ରଥମ ଥର ଏଭଳି ଏକ ବ୍ଲକସ୍ତରୀୟ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାରୁ ଏହାକୁ ନେଇ ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି।


ବୈଠକରେ ଜନପ୍ରତିନିଧି, ବୁଦ୍ଧିଜୀବୀଙ୍କ ସମେତ ଅନ୍ୟମାନେ।

# ସଦର ଏସ୍‌ଡିପିଓ ହେଲେ ଏଏସ୍‌ପି

**ଢେଙ୍କାନାଳ ଅଫିସ,୧୦।୬**

ଢେଙ୍କାନାଳ ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ପଦୋନ୍ନତି ହୋଇଛି। ସେ ଅତିରିକ୍ତ ଏସ୍‌ପି (ଏଏସ୍‌ପି) ଭାବେ ଜିଲା ପୋଲିସ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ଢେଙ୍କାନାଳର ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀଙ୍କ ତାଳଚେରସ୍ଥିତ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ଏହାପରେ ତାଙ୍କ ସ୍ଥାନରେ ସୂର୍ଯ୍ୟମଣି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସୂର୍ଯ୍ୟମଣି ପ୍ରଧାନ ୨୦୨୨ ସେପ୍ଟେମ୍ବର ୨୮ରୁ ଢେଙ୍କାନାଳ ସଦର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଥିଲେ। ଅନ୍ୟପଟେ ନୂତନ ସଦର ଏସ୍‌ଡିପିଓ ଭାବେ ଅଦ୍ୟାବଧି କାହାରିକୁ ନିଯୁକ୍ତି ଦିଆଯାଇ ନ ଥିବା ଜଣାପଡ଼ିଛି।


ସୂର୍ଯ୍ୟମଣି ପ୍ରଧାନ।


ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଫୋରମ୍‌ର ସଭାପତି ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଭରତ କୁମାର ଦାସ, ଶିକ୍ଷା ବିଭାଗ ପ୍ରମୁଖ ରୁଦ୍ରନାରାୟଣ ହୋତା, ଟାଉନ ଶାଖାର ଉଦୟନାଥ ବେହେରା, ଚିତ୍ତରଞ୍ଜନ ରାଉତ, ଲିପସାରାଣୀ ପରିଡ଼ା, ବିନ୍ଦୁକ୍ରିଷ୍ଟା ସାହୁ ପ୍ରମୁଖ ଷ୍ଟାଡିୟମ୍ ପରିସରରେ ଥିବା ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଜିଲା ଚିକିତ୍ସାଳୟକୁ ଫିଟିବ ରାସ୍ତା

## ସମ୍ମୁଖ ସଡ଼କ ପାଇଁ ଚିହ୍ନଟ ଜମି ଅନୁଧ୍ୟାନ

**ଢେଙ୍କାନାଳ ଅଫିସ, ୧୦।୬**

ଦୀର୍ଘ ୫ବର୍ଷ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମୁଖ ଭାଗକୁ ରାସ୍ତା ଫିଟିବ। ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ରାସ୍ତା ନିର୍ମାଣ ଲାଗି ଚିହ୍ନଟ କରାଯାଇଥିବା ଜମିକୁ ଶନିବାର ପୂର୍ବାହ୍ନରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ତହସିଲଦାର ସୁଧାଂଶୁ କୁମାର ସାଓ ପ୍ରମୁଖ ଅନୁଧ୍ୟାନ କରିଛନ୍ତି।


ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀ ଚିହ୍ନଟ ଜମିକୁ ଅନୁଧ୍ୟାନ କରୁଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ସମେତ ସୀମାନ୍ତ ଯାଜପୁର, କେନ୍ଦୁଝର ଜିଲାବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସ୍ଥାନୀୟ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରେ ୫ବର୍ଷ ତଳେ ନିର୍ମାଣ କରାଯାଇଥିଲା ୭ ମହଲା ବିଶିଷ୍ଟ ଅତ୍ୟାଧୁନିକ ଜିଲା ମୁଖ୍ୟ ଚିକିତ୍ସାଳୟ। ଏଥିରେ ଖର୍ଚ୍ଚ ହୋଇଥିଲା ପ୍ରାୟ ୫୦କୋଟି ଟଙ୍କା। ୨୦୧୮ ମେ' ୨୬ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ହେଲେ ସମ୍ମୁଖ ପାର୍ଶ୍ୱରେ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ପଛପଟ ଦେଇ ରୋଗୀ ଯାତାୟାତ କରିବାକୁ ବାଧ୍ୟ ହେଉଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଆଖି ବୁଜିଦେଇଥିଲା। ଅସନ୍ତୋଷ ତୀବ୍ର ହେବା ପରେ ପ୍ରଶାସନର ଚେତାପଶିଛି।

ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀଙ୍କୁ ସୁବିଧାରେ ନେବା ଆଣିବା ଲାଗି ୨ଟି ରାସ୍ତା ନିର୍ମାଣ କରାଯିବ। ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସ୍ତାବିତ ସମ୍ମୁଖ ଫାଟକଠାରୁ ଉକ୍ତ ୨ ରାସ୍ତା ୫୫ନଂ. ଜାତୀୟ ରାଜପଥକୁ ସଂଯୋଗ କରିବ। ଗୋଟିଏ ସଡ଼କ ପୋଲିସ ରିଜର୍ଭ ଲାଇନ୍-କୁଟୁଣିଆ ପାହାଡ଼ ରାସ୍ତା ଦେଇ ଏନ୍‌ଏଚ୍‌ରେ ମିଶିବ। ଏଥିଲାଗି ୪ ଏକର ୮୫ ଡେସିମିଲ ସରକାରୀ ଜାଗା ଚିହ୍ନଟ ହୋଇଛି। ଅନ୍ୟ ରାସ୍ତାଟି ମଧ୍ୟ ଜାତୀୟ ରାଜପଥକୁ ସଂଯୋଗ କରିବ। ଏଥିପାଇଁ ୯୦ ଡେସିମିଲ ଘରୋଇ ଜାଗା ଏବଂ ୩ ଏକର ୩୨ ଡେସିମିଲ ସରକାରୀ ଜାଗା ଚିହ୍ନଟ ହୋଇଛି। ଚୂଡ଼ାନ୍ତ ନିଷ୍ପତ୍ତି ପରେ ଘରୋଇ ଜମି ଅଧିଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏହାପରେ ରାସ୍ତା ନିର୍ମାଣ ଆରମ୍ଭ ହେବ।

